# Akashvani, Sambalpur

## SAMBALPURI NEWS MORNING BULLETIN

## 20 April 2026 - 6.47- 6.52 am.

---

ଅକ୍ଷୟ- ତୃତୀୟା     ଆର୍‌ଏନ୍‌ୟୁ ସମ୍ବଲପୁର୍

ପବିତ୍ର ଅଖି  ତୃତୀୟା ଅବ୍‌ସରେ ଆଏଜ୍ ଚାଷୀମାନେ ଖରିଫ୍ ଚାଷ୍ ଲାଗି ନିଜର୍ ନିଜର୍ ଜମିନ୍‌ଥି ଅଖିମୁଠି ଛୁଇଁଛନ୍ । ଇ ଅବ୍‌ସରେ ଶ୍ରୀକ୍ଷେତ୍ର ପୁରୀ ନ ଧାରିଜ୍ ସମିଆଥି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର୍ ରଥ୍‌ଯାତ୍ରାର୍ ଲାଗି ରଥ ତିଆରି କାମ୍ ମୁଲ୍ ହେବା ।

ପୁରୀ ନରେନ୍ଦ୍ର ପୁଷ୍କରିଣୀ ନ ୨୧ ଦିନିଆ ବାହାର ଚନ୍ଦନଯାତ୍ରା ଭିଲ୍ ଆଏଜ୍ ଠାନୁ ମୁଲ୍ ହେବା । ଇ ଅବ୍‌ସରେ ମହାପ୍ରଭୁଙ୍କର୍ ଚଳନ୍ତି ପ୍ରତିମା ମଦନ୍ ମୋହନ୍ , ଭୂଦେବୀ, ଶ୍ରୀ ଦେବୀ ଆଉ ପଂଚ ମହାଦେବ୍ ପୁଷ୍କରିଣୀ ନ ନୌକା ବିହାର୍ କର୍‌ବାର୍ ପରମ୍ପରା ରହିଛେ । ଇଥିର୍‌ଲାଗି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସବୁ ପ୍ରକାର୍ ପ୍ରସ୍ତୁତି ଶେଷ୍ ଖେପେ ପୁହୁଁଚିଛେ ।

ସେଆଡ଼େ ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାର ଥାଲ୍ ଉଠା ପରବ ଆଏଜ୍ ବେଲ୍‌ବୁଡ଼େ ହେବା । ଇଥିର୍‌ଲାଗି ମହାଦେବ୍ ଗୁଡ଼ିମାନ୍‌କେ ଜୋର୍‌ଦାର୍ ପ୍ରସ୍ତୁତି ଚାଲିଛେ ।
ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଇ ଅବସ୍‌ରେ ରାଏଜ୍‌ର ଚାଷୀ ଭାଏ ବହେନ୍ ମାନ୍‌କୁ ଶୁଭେଚ୍ଛା ଜନେଇଛନ୍ । ଇ ବଛର୍ ଅଖିମୁଠି ଅନୁକୂଳ ଶୁଭ୍ ଆଉ ଚାଷୀମାନ୍‌କର୍ ଲାଗି ସୁଖ ସମୃଦ୍ଧିର ବଛର୍ ହେଉ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ସିଏମ୍ କିଷାନ ସାହାଜ୍ ଆଇ ଆଣ୍ଡ୍ ପି.ଆର୍

ଅଖି ତୃତୀୟା ଆଉ ରାଜ୍ୟସ୍ତରୀୟ କୃଷକ ଦିବସ ସମାରୋହ ଆଏଜ୍ ସଖାଲ ବେଲା କଟକ୍ ବିଦ୍ୟାଧର୍‌ପୁର୍‌ର କେନ୍ଦ୍ରୀୟ ଧାନ୍ ଗବେଷଣା ଅନୁଷ୍ଠାନ୍ ନ ଆୟୋଜନ୍ କରାଯାଇଛେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କାର୍ଯ୍ୟକ୍ରମ୍‌ଥି ଅଖିମୁଠି ଅନୁକୂଳ କର୍‌ବାର୍ ସହେତେ ସିଏମ୍ କିଷାନ୍ ସାହାଜ୍ ଟଁକା ବାବ୍‌ଦେ ଛୋଟ୍, ନାମମାତ୍ର ଚାଷୀ ମାନ୍‌କୁ ୨ ହଜାର୍ ଟଙ୍କା ଲେଖା ସାହାଜ୍ ବାଂଟ୍‌ବେ ।

କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କର୍ ସହେତେ ସାଂସଦ୍ ଆଉ ବିଧାୟକ୍‌ମାନେ ଉପସ୍ଥିତ୍ ରହେବେ ।

ରେଲ୍‌ମନ୍ତ୍ରୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଏଛେନ୍ ୯୦ ହଜାର୍ କୋଟି ନୁ ଅଏତ୍‌କା ଟଙ୍କାର୍ ରେଲ୍ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛେ ବଲି ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ କହିଛନ୍ । ଭୁବ୍‌ନେଶ୍ୱର୍ ରେଲ୍‌ଷ୍ଟେସନ୍‌ର ସମୀକ୍ଷା କରିକରି ଶ୍ରୀ ବୈଷ୍ଣବ୍ କହିଛନ୍, ରେଲ୍‌ବାଇର ଓଡ଼ିଶା ନ ମାଲ୍‌ପରିବହନ୍ ଆଉ ଯାତ୍ରୀ ମାନ୍‌କର୍ ଯା'ଆସ୍‌କେ ନେଇକରି ହେଉଥିବା ଭିତିଭୂମି ବର୍‌କସ୍ କର୍‌ବାର୍ ଲାଗି ସର୍‌କାର୍ ଇ ପଦକ୍ଷେପ୍ ନେଇଛନ୍ ।

ବାଚସ୍ପତି ବୈଠକ୍ ଆଇ ଆଣ୍ଡ୍ ପି.ଆର୍

ସମ୍ବିଧାନ୍‌ର ଦଶମ ଅନୁସୂଚୀ ଅନ୍‌ସାରେ ପୁରୀ ଠାନେ ଆଏବା କାଏଲ୍ ବାଚସ୍ପତିଙ୍କର୍ କାମ୍‌କାଜ୍ ବାବଦ୍ ଗୁଟେ କମିଟିର୍ ବୈଠକ୍ ହେବା । ଇଥି ମହାରାଷ୍ଟ୍ର, ଓଡ଼ିଶା, ନାଗାଲାଣ୍ଡ୍ ବିଧାନ୍‌ସଭାର୍

ବାଚସ୍ପତି ମାନେ ଯୋଗ୍ ଦେବେ । ସମ୍ବିଧାନ୍‌ର ଦଶମ ଅନୁସୂଚୀ ଅନ୍‌ସାରେ ଦଲ୍‌ବଦଲ୍ ନିରୋଧ୍ ଆଇନ୍‌ର ଭିନ୍ ଭିନ୍ ଦିଗ୍ ବାବ୍‌ଦେ ଆଲୋଚନା ହେବା । ସମ୍ମିଲନୀଥି ଲୋକ୍‌ସଭା ଆଉ ବିଧାନ୍‌ସଭାର୍ ବରିଷ୍ଠ ଅଧିକାରୀମାନେ ଯୋଗ୍ ଦେବେ ବଲି ଜନାପଡ଼ିଛେ ।

ଇନ୍‌ଫ୍ଲୁଏସନ୍ସର- ଓଡ଼ିଶା ଗସ୍ତ ଆଇ ଆଣ୍ଡ୍ ପି.ଆର୍

ସାମାଜିକ ଗଣମାଧ୍ୟମ୍‌ଥି ପ୍ରଭାବ୍ ଜମେଇଥିବା ନାଁକରା ଲୋକ୍‌ମାନ୍‌କର୍ ଜରିଏ ଓଡ଼ିଶାର୍ ସ୍ଥାପତ୍ୟ, କଲା, ଐତିହ୍ୟ ଆଉ ସଂସ୍କୃତି ବାବ୍‌ଦେ ପୁର୍‌ଥିର୍ ଚାର୍‌ହିକୁତି ପୁହୁଁଚାବାର୍ ଲାଗି ସର୍‌କାର୍‌ଙ୍କର୍ ତର୍‌ଫୁ ଚେରେଷ୍ଟା କରାଯାଉଛେ । ବୈଦେଶିକ୍ ବ୍ୟାପାର୍ ମନ୍ତ୍ରଣାଳୟ ଆଉ ରାଜ୍ୟ ସୂଚନା ଆଉ ଲୋକସମ୍ପର୍କ ବିଭାଗ୍‌ର ମିଲିତ୍ ଚେରେଷ୍ଟାଥି ଭୂଟାନ୍, କମ୍ବୋଡ଼ିଆ, ଲାଓସ୍, ମାଲେସିଆ, ମଙ୍ଗୋଲିଆ, ମିଆନ୍‌ମାର୍, ନେପାଲ୍, ସିଙ୍ଗାପୁର୍, ଥାଇଲାଣ୍ଡ୍ ଆଉ ଭିଏତ୍‌ନାମ୍‌ର ସାମାଜିକ ଗଣମାଧ୍ୟମ୍‌ର ପ୍ରଭାବ୍‌ଶାଳୀ ଲୋକ୍‌ମାନେ ଖଣ୍ଡଗିରି, ଉଦୟଗିରି ଗୁମ୍ଫା, ରଘୁରାଜ୍‌ପୁର୍ ଐତିହାସିକ ହସ୍ତଶିଳ୍ପ ଗାଁ ଆଉ କୋଣାର୍କ ସୂର୍ଯ୍ୟମନ୍ଦିର୍ ବୁଲି ଦେଖିଛନ୍ ।

ଅଭିଭାବକ୍ ଶିକ୍ଷକ୍ ବୈଠକ୍          ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ଇ ମାସେ ଖଡ଼ିଛୁଆଁ ଆଉ ବିଦ୍ୟାଳୟ ପ୍ରବେଶ୍ କାର୍ଯ୍ୟକ୍ରମ୍ ହେବାର୍ ଉତ୍ରୁ ଆଏବା ୩୦ ତାରିଖ୍ ଦିନ ୨୦୨୬-୨୭ ଶିକ୍ଷା ବଛ୍ରର୍ ପହେଲା ଅଭିଭାବକ୍ ଶିକ୍ଷକ୍ ବୈଠକ୍ ହେବା । ରାଜ୍ୟର୍ ସବୁ ବିଦ୍ୟାଳୟମାନ୍କେ ସେହିଦିନ ପହେଲା ଅଭିଭାବକ୍, ଶିକ୍ଷକ୍ ଶିକ୍ଷୟିତ୍ରୀ ଆଉ ବିଦ୍ୟାଳୟ ପରିଚାଳନା ଆଉ ଉନ୍ନୟନ୍ କମିଟି ବୈଠକ୍ ଭିଲ୍ ହେବା । ଓସେପା ତର୍ଫୁ ବୈଠକ୍ ଆୟୋଜନ୍କେ ନେଇକରି ସବୁ ଜିଲ୍ଲା ବ୍ଲକ୍ ଶିକ୍ଷା ଅଧିକାରୀ ଆଉ ପ୍ରଧାନ୍ ଶିକ୍ଷକ୍ମାନ୍କୁ ଜନେଇ ଦିଆଯାଇଛେ ।

ମନ୍ କି ବାତ୍          ଆର୍ଏନ୍ୟୁ/ ସମ୍ବଲପୁର

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୬ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍କର୍ ସାଙ୍ଗେ

ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୩୩ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍ ଆଉ ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇତାର୍ ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଳିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ମୁଖ୍ୟମନ୍ତ୍ରୀ ଟ୍ରଫି ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେବ୍‌ଗଡ୍ ଜିଲ୍ଲା କ୍ରୀଡ଼ା ସଂଘ ଆଉ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଇନ୍ଦିରାଗାନ୍ଧୀ ଷ୍ଟାଡ଼ିୟମ୍ ନ ଚାଲିଥିବା ମୁଖ୍ୟମନ୍ତ୍ରୀ ଟ୍ରଫି ଆନ୍ତଃକ୍ଲବ୍ ଆଉ ଆନ୍ତଃଜିଲ୍ଲା ଖେଲ୍ ପ୍ରତିଯୋଗିତା ଉଦ୍‌ଯାପିତ୍ ହେଇଯାଇଛେ । ଉଦ୍‌ଯାପନୀ କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁ

ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଖେଲାଲିମାନ୍‌କୁ ପୁରସ୍କୃତ୍ କରିଥିଲେ ।

୪ ଧାମ୍ ଯାତ୍ରା       ଏନ୍‌ଏସ୍‌ଡି

ପବିତ୍ର ଅକ୍ଷୀତୃତୀୟା ଅବ୍‌ସରେ ଗଲାକାଏଲ୍‌ଠାନୁ ଉତରାଖଣ୍ଡର ୪ ଧାମ୍ ଯାତ୍ରା ମୁଲ୍ ହେଇଛେ । ଗଙ୍ଗୋତ୍ରୀ ମନ୍ଦିର୍‌ର ଦ୍ୱାର ଦିନର୍ ୧୨ ବାଜିକରି ୧୫ ମିନିଟ୍‌ଥି ଖୁଲାୟାଇଥିବାର୍ ବେଲେ ଯମୁନୋତ୍ରୀ ମନ୍ଦିର୍‌ର ଦ୍ୱାର ଦିନର୍ ୧୨ / ୩୫ ଥି ଖୁଲାୟାଇଛେ । ଇ ବଛର୍ ସୁରକ୍ଷାକେ ନଜର୍‌ଥି ରଖିକରି ସବୁ ମନ୍ଦିର୍ ନ ହାଇଟେକ୍ କେମ୍‌ରା ଜରିଏ ନଜର୍ ରଖାୟିବାର୍ ସହେତେ ପୁଲିସ୍ ଆଉ ଅର୍ଦ୍ଧସାମରିକ୍ ବାହିନୀ ଭିଲ୍ ନିୟୋଜିତ୍ ରହିଛନ୍ ।

ପାଣିପାଗ       ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଗରମ୍ ଆଉ ଗୁଲ୍‌ଗୁଲି ଜାରି ରହିଛେ । ଆଏବା ୫ ନୁ ୬ ଦିନ୍‌ତକ୍ ଦିନର୍ ତାପମାତ୍ରା ଖାସ୍ ନାଇଁ ବଦ୍‌ଲେ ବଲି

ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସୂଚ୍‌ନା ଦିଆଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ କଲାହାଣ୍ଡି ସହେତେ ୧୨ ଟା ଜିଲ୍ଲାକେ ବିଜ୍‌ଲି ଘଡ୍‌ଘଡ଼ି ସହେତେ ବର୍ଷା ହେବା ବଲି ସତର୍କ କରାଯାଇଛେ । ଗଲାକାଏଲ୍ ରାଜ୍ୟର୍ ସବୁନୁ ଜହ ତାତି ଝାର୍‌ସୁଗୁଡ଼ା ନ ୪୩ ଦଶ୍‌ମିକ୍ ୩ ଡିଗ୍ରୀ ରେକର୍ଡ଼ କରାଯାଇଥିବାର୍ ବେଲେ ୧୨ଟା ସହରର୍ ତାତି ୪୦ ଡିଗ୍ରୀ ଉପ୍‌ରେ ରହିଥିଲା ।
ଜବର୍ ତାତିକେ ନଜର୍‌ଥି ରଖିକରି ସମ୍ବଲ୍‌ପୁର, ବୌଦ୍ଧ, ସୁବର୍ଣ୍ଣପୁର୍, ଝାର୍‌ସୁଗୁଡ଼ା, ବଲାଙ୍ଗିର୍, କଲାହାଣ୍ଡି, ଦେବ୍‌ଗଡ଼୍ ସହେତେ ରାଜ୍ୟର୍ ୧୨ ଟା ଜିଲ୍ଲାର୍ ବିଦ୍ୟାଲୟମାନ୍‌କେ ଆଏଜ୍‌ଠାନୁ ୨୩ ତାରିଖ୍‌ତକ୍ ଛୁଟି ଘୋଷ୍‌ନା କରାଯାଇଛେ ।